# ବିଲିଭର୍ସ ଇଷ୍ଟର୍ଣ୍ଣ ଚର୍ଚ୍ଚ

ମେଟ୍ରୋପଲିଟାନ୍‌ଙ୍କ କାର୍ଯ୍ୟାଳୟ, ସିନୋଡ୍ ସେକ୍ରେଟାରିଏଟ୍, ସେଣ୍ଟ୍ ଥୋମାସ୍ କମ୍ୟୁନିଟି, ଥିରୁଭାଲ୍ଲା, କେରଳ, ଭାରତ

## ମେଷପାଳକଙ୍କ ପତ୍ର

**ଅଗଷ୍ଟ/ସେପ୍ଟେମ୍ବର ୨୦୨୪**

ସମସ୍ତ ଆର୍ଚ୍ଚବିଶପ୍, ବିଶପ୍, ଯାଜକ, ଡିକନ୍, ଏଭାଞ୍ଜେଲିଷ୍ଟ୍, ଅର୍ଡର୍ ଅଫ୍ ସିଷ୍ଟର୍ସ୍ ତଥା ବିଶ୍ୱବ୍ୟାପି ବିଲିଭର୍ସ ଇଷ୍ଟର୍ଣ୍ଣ ଚର୍ଚ୍ଚର ସମସ୍ତ ବିଶ୍ୱସ୍ତ ମାନଙ୍କୁ ଆଶିର୍ବାଦ ତଥା ଅଭିନନ୍ଦନ । ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ଆମେନ୍! ✠

**ଖ୍ରୀଷ୍ଟରେ ମୋର ପ୍ରିୟମାନେ,**

ବିଲିଭର୍ସ ଇଷ୍ଟର୍ଣ୍ଣ ଚର୍ଚ୍ଚର ପିତା ମେଟ୍ରୋପଲିଟାନ୍ ଭାବରେ ମନୋନୀତ ହେବା ପରେ ଏହା ଆପଣମାନଙ୍କ ନିକଟକୁ ମୋର ପ୍ରଥମ ପତ୍ର । ଏହି ପତ୍ରଟି ମୁଁ ଏହା କହି ଆରମ୍ଭ କରିବାକୁ ଚାହେଁ ଯେ, ମୋ ପାଇଁ ଆପଣମାନଙ୍କ ପ୍ରାର୍ଥନା ଓ ପ୍ରେମ ସକାଶେ ମୁଁ କେତେ କୃତଜ୍ଞ । ମୁଁ ଆମ ସ୍ୱର୍ଗୀୟ ପିତାଙ୍କ ନିକଟରେ ଧନ୍ୟବାଦୀ ଅଟେ, କାରଣ ସେ ଆମ ପ୍ରତି ଅତ୍ୟନ୍ତ ବିଶ୍ୱସ୍ତ ଓ ତାହାଙ୍କ ପ୍ରେମ ବିଶେଷତଃ ଏହି ଅତୀତ ଦିନମାନଙ୍କରେ ଆମକୁ ମାର୍ଗଦର୍ଶନ କରିଅଛି ।

ଏହି ପତ୍ର ମାଧ୍ୟମରେ ମୁଁ କେତୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଆପଣଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚାହେଁ ।

**ପ୍ରଥମତଃ : ଯୁବ ସମ୍ମିଳନୀ (The Youth Assembly ) ଅକ୍ଟୋବର ୨୦୨୪**

ଯୁବାଯୁବତୀ ମାନେ ଆମ ମଣ୍ଡଳୀର ଭବିଷ୍ୟତ ଅଟନ୍ତି, ଯଦି ସେମାନେ ଆତ୍ମିକ ଭାବରେ ଶକ୍ତିଶାଳୀ, ଜୀବନ୍ତ ଓ ସେମାନଙ୍କର ସ୍ଥାନୀୟ ପ୍ୟାରିଶ୍ ଓ ସଂପ୍ରଦାୟରେ ସକ୍ରିୟ, ତେବେ ଆମ ମଣ୍ଡଳୀର ଭବିଷ୍ୟତ ସୁରକ୍ଷିତ ହସ୍ତରେ ଅଛି । ସେହି ଉଦେଶ୍ୟକୁ ଦୃଷ୍ଟିରେ ରଖି ଆମେ ଅକ୍ଟୋବର,୨୦୨୪ ରେ ଯୁବ ସମ୍ମିଳନୀ ପାଇଁ ପ୍ରାର୍ଥନା, ପ୍ରସ୍ତୁତି ଓ ଯୋଜନା କରିଅଛୁ ଯେଉଁଠାରେ ଭିନ୍ନଭିନ୍ନ ଡାୟୋସିସ୍‌ରୁ ପ୍ରତିନିଧିତ୍ୱ କରୁଥିବା ଏକ ମନୋନୀତ ଯୁବା ଯୁବତୀର ଦଳ ଏକତ୍ରିତ ହେବେ । ଏହି ଯୁବ ସମ୍ମିଳନୀ ପାଇଁ ଦୟାକରି ନିରନ୍ତର ପ୍ରାର୍ଥନା କରନ୍ତୁ ।

ଆପଣଙ୍କ ପାରିବାରିକ ପ୍ରାର୍ଥନାରେ ଏହି ସଭା ପାଇଁ ପ୍ରାର୍ଥନା କରନ୍ତୁ । ଯୁବ ସମ୍ମୀଳନୀ ଶେଷ ନ ହେବା ପର୍ଯ୍ୟନ୍ତ ଆପଣଙ୍କ ପ୍ୟାରିଶରେ ପ୍ରାର୍ଥନା, ପ୍ରାର୍ଥନା ସଭା ଯୋଜନା କରନ୍ତୁ । ପ୍ରାର୍ଥନା କରନ୍ତୁ ଯେପରି ଆମର ଯୁବା ଯୁବତୀମାନଙ୍କ ଜୀବନରେ ଏହି ସମ୍ମୀଳନୀ ଏକ ଜାଗରଣ ଆଣୁ ।

**ଦ୍ୱିତୀୟତଃ :** ଆମ ପ୍ୟାରିଶର ସମର୍ପିତ ଯୁବା ଭାଇ ଓ ଭଉଣିମାନଙ୍କୁ ପବିତ୍ର ମଣ୍ଡଳୀର ସେବା କରିବା ପାଇଁ ତାଲିମ ପ୍ରାପ୍ତ ହେବା ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗ କରିବାର ଆବଶ୍ୟକତା ରହିଅଛି । ଯେପରି ଯୀଶୁ କହିଥିଲେ, ଲୋକମାନଙ୍କର ଆତ୍ମିକ ଆବଶ୍ୟକତା ମହତ୍ୱପୂର୍ଣ୍ଣ ଅଟେ । କିନ୍ତୁ ଏହି ଆବଶ୍ୟକତା ପୂରଣ କରିବା ପାଇଁ ମାତ୍ର ଅଳ୍ପ କେତେ ଜଣ ଅଛନ୍ତି । ତେବେ ଆମେ କଣ କରିପାରିବା ? ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ଯେପରି ସେ ଅନେକଙ୍କୁ ପଠାଇବେ ଯେଉଁମାନେ ସେହି ଭୂମିକା ତୁଲାଇପାରିବେ। ( ମାଥିଉ ୯:୩୬-୩୮) ଏହା ଏକ ପ୍ରାର୍ଥନା ଅନୁରୋଧ ହେଉ, ଯାହାକୁ ଆମେ ବର୍ଷସାରା କ୍ରମାଗତ ଭାବରେ ପ୍ରାର୍ଥନା କରୁ –

ଉଭୟ ମଣ୍ଡଳୀ ଓ ଆମ ପରିବାରରେ, ଯଦି ଆପଣ ଜଣେ ପିତାମାତା ତେବେ ପ୍ରାର୍ଥନା କରନ୍ତୁ ଯେପରି, ଆପଣଙ୍କ ସନ୍ତାନମାନେ ଈଶ୍ୱରଙ୍କ ସେବାରେ ସେମାନଙ୍କ ଜିବନକୁ ଉତ୍ସର୍ଗ କରିବେ । ଆସନ୍ତୁ ପ୍ରଥମରେ ଆମେ ଉଦାହରଣ ହେଉ ଯେପରି, ଅନ୍ୟମାନେ ଆମକୁ ଅନୁସରଣ କରିବେ ।

**ତୃତୀୟତଃ:-** ଆମର ପ୍ରମୁଖ ସେମିନାରୀ, ଡାୟୋସିସ ସେମିନାରୀ ଏବଂ ସିଷ୍ଟର୍ସ ଅଫ୍ ଦ କ୍ରସ ସେମିନାରୀ ପାଇଁ ନୂତନ ଏକାଡେମିକ୍ ଅଧିବେଶନ ଆରମ୍ଭ ହୋଇଛି । ତାଲିମ୍ ନେଉଥିବା ପ୍ରିୟ ଭାଇ ଓ ଭଉଣୀ ମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ଯେପରି ସେମାନେ ଅଧ୍ୟୟନ, ତାଲିମ ଏବଂ ଈଶ୍ୱରଙ୍କ କାର୍ଯ୍ୟ ପାଇଁ ନିଜକୁ ସଜାଡ଼ିବା ପାଇଁ ଉତ୍ସର୍ଗ କରିପାରିବେ ।

**ଚତୁର୍ଥତଃ :-** ପବିତ୍ର ମଣ୍ଡଳୀର ଆର୍ଥିକ ଆବଶ୍ୟକତା ପୂରଣ ହେବା ପାଇଁ ଆସନ୍ତୁ ଦାନ ଦେବାରେ ବିଶ୍ୱସ୍ତ ହେବା । ସାଧୁ ପାଉଲ ଆମକୁ ମାକିଦନିଆ ମଣ୍ଡଳୀ ବିଷୟରେ ସ୍ମରଣ କରାନ୍ତି, ଯାହାକି ଅତ୍ୟନ୍ତ ଦାରିଦ୍ରତା ମଧ୍ୟରେ ସୁଦ୍ଧା ସେମାନଙ୍କ ସାମର୍ଥ୍ୟ ଠାରୁ ଅଧିକ ସେମାନେ ଦାନ ଦେଉଥିଲେ (୨ୟ କରିନ୍ଥୀୟ ୮:୧-୫) ଆମ ପବିତ୍ର ମଣ୍ଡଳୀ ମଧ୍ୟ ସେହିପରି ଏକ ମଣ୍ଡଳୀ ହେଉ । ଆମ ମଣ୍ଡଳୀ ଉଦାର ସ୍ୱେଚ୍ଛାକୃତ ଓ ବିଶ୍ୱସ୍ତ ଭାବରେ ଦାନ ଦେବା ପାଇଁ ପରିଚିତ ହେଉ, ଠିକ ସେହି ଗରିବ ବିଧବା ପରି ଯିଏ ତାହାର ସବୁକିଛି ଦାନ କରିଥିଲା (ସାଧୁ ମାର୍କ ୧୨:୪୧-୪୪) ।

ମନେରଖନ୍ତୁ ପରମେଶ୍ୱର ହୃଷ୍ଟଚିତ୍ତ ଦାତାକୁ ଭଲ ପାଅନ୍ତି । (୨ୟ କରିନ୍ଥୀୟ ୯:୬-୭) ଏବଂ ସେ ପ୍ରତିଜ୍ଞା କରିଅଛନ୍ତି ଯେ, ଯେବେ ଆମେ ତାଙ୍କୁ ଦେଉ ସେ ଆକାଶସ୍ତ ଦ୍ୱାରସବୁ ମୁକ୍ତ କରିବେ, । (ମଲାଖି ୩:୧୦-୧୧)

ପ୍ରିୟ ସନ୍ତାନମାନେ ମୁଁ ଶେଷ କରିବା ପୂର୍ବରୁ ଆପଣମାନଙ୍କୁ ସ୍ମରଣ କରାଇବାକୁ ଚାହେଁ ଯେ, ଆମ ଦେଶ, ରାଜ୍ୟ ତଥା ଆମ ଅଞ୍ଚଳରେ ନେତା ମାନଙ୍କ ପାଇଁ ପ୍ରାର୍ଥନା କରିବା ଏକ ମଣ୍ଡଳୀ ଭାବରେ ଆମର ଦାୟିତ୍ୱ ଅଟେ ।(୧ମ ତିମଥି ୨:୧-୪) । ଆସ, ତାହା ବିସ୍ୱସ୍ତ ଭାବରେ କରୁ, ହିଂସା ଅସ୍ଥିରତାର ଶିକାର ହୋଇଥିବା ବାଂଲାଦେଶ ପାଇଁ ମଧ୍ୟ ପ୍ରାର୍ଥନା କରୁ ଯେପରି, ସେହି ଦେଶକୁ ଶାନ୍ତ ଓ ସ୍ଥିରତା ଶୀଘ୍ର ଫେରିବ । ପ୍ରାକୃତିକ ବିପର୍ଯ୍ୟୟ ଘଟିଥିବା ଅଞ୍ଚଳଗୁଡ଼ିକ ପାଇଁ ପ୍ରାର୍ଥନା କରନ୍ତୁ ଯେପରି, ଆମ ସୃଷ୍ଟିକର୍ତ୍ତା ଈଶ୍ୱର ତାହାଙ୍କ ଲୋକମାନଙ୍କ ଉପରେ ଦୟା ଓ ଅନୁଗ୍ରହ କରିବେ ।

ଶେଷରେ, ପ୍ରିୟ ଭାଇ ଓ ଭଉଣୀମାନେ, ଆମର ସ୍ୱର୍ଗତ ମେଟ୍ରୋପଲିଟାନ୍ ଆଥନେସିଅସ୍ ଯୋହାନ୍ ପ୍ରଥମ, ଆଶିର୍ବାଦର ସ୍ମୃତି ଯେପରି କହୁଥିଲେ ଯେ, **ପ୍ରେରିତ ପୁସ୍ତକ ହେଉଛି ଆମର ବ୍ଲୁପ୍ରିଣ୍ଟ,** ଏହା ଆମ ଅର୍ଥୋଡ଼କ୍ସ ବିଶ୍ୱାସର କମ୍ପାସ୍ ଓ ମୂଳ ମାର୍ଗଦର୍ଶକ । ନିରନ୍ତର ଏହି ପୁସ୍ତକକୁ ଅଧ୍ୟୟନ କରନ୍ତୁ । ଆସନ୍ତୁ ଏହାର ନୀତିଗୁଡ଼ିକୁ ବ୍ୟକ୍ତିଗତ ଭାବରେ ସାମୂହିକ ଭାବରେ ମଣ୍ଡଳୀ ଭାବରେ ଏକତ୍ର ପ୍ରୟୋଗ କରୁ ।

ଆମେ ଆମକୁ ଅଗ୍ରସର ହେବା ସମୟରେ ଆସୁ ଆମର ଦୃଷ୍ଟି ପବିତ୍ର ମଣ୍ଡଳୀର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ରହୁ । ତାହାଙ୍କୁ ପ୍ରସନ୍ନ କରି ଜୀବନଯାପନ କରିବା ପାଇଁ ତାହାଙ୍କ ଠାରୁ ଦୈନନ୍ଦିନ ଶକ୍ତି ଓ ପ୍ରେରଣା ପ୍ରାପ୍ତ ହେଉ । ପବିତ୍ର ଆତ୍ମା ପ୍ରେମ ଓ ସେବା କରିବାକୁ ନିରନ୍ତର ଆମକୁ ମାର୍ଗଦର୍ଶନ କରନ୍ତୁ । ଆମର ସମସ୍ତ ଉଦ୍ୟମର ଫଳ ଚିରସ୍ଥାୟୀ ଫଳ ଉତ୍ପନ୍ନ କରୁ । ଆରାଧନା, ଗୌରବ, ସମ୍ଭ୍ରମ, ମହିମା ଓ ପ୍ରଶଂସା କେବଳ ଆସ୍ଥମାନଙ୍କର ତ୍ରିତ୍ୱ ପରମେଶ୍ୱର ବର୍ତ୍ତମାନ ପୁଣି ସଦାସର୍ବଦା ।

ଖ୍ରୀଷ୍ଟରେ, ଆପଣମାନଙ୍କର ପିତା,

ମୋରାନ୍ ମୋର୍ ଶାମୁଏଲ ଥିଓଫିଲସ୍ — ତାରିଖ : ୧୨ ଅଗଷ୍ଟ ୨୦୨୪

ମେଟ୍ରୋପଲିଟାନ୍ । — ସ୍ଥାନ : ବିଶ୍ୱ ମୁଖ୍ୟ କାର୍ଯ୍ୟାଳୟ